# NATIONAL NEWS BULLETIN (ODIA)

**20 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସାଧାରଣ ପ୍ରଶାସନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ପ୍ରଶାସନିକ ଅଧିକାରୀଙ୍କୁ ଆସନ୍ତାକାଲି ପୁରସ୍କୃତ କରିବେ ପ୍ରଧାନମନ୍ତ୍ରୀ ।

- ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜିଠୁ ଆରମ୍ଭ ହୋଇଛି ଓ୍ୱାକ୍‌ଫ ସୁଧାର ଜନଜାଗରଣ ଅଭିଯାନ ।

- ଚାରିଦିନିଆ ଭାରତ ଗସ୍ତରେ ଆସି ଆସନ୍ତାକାଲି ନୂଆଦିଲ୍ଲୀରେ ପହଞ୍ଚିବେ ଆମେରିକାର ଉପରାଷ୍ଟ୍ରପତି ।

- ଜାମ୍ମୁ କାଶ୍ମୀରର ରାମବନ ଜିଲ୍ଲାରେ ପ୍ରବଳ ବର୍ଷାଜନିତ ଭୂ-ସ୍ଖଳନ ଯୋଗୁଁ ବିଭିନ୍ନ ସ୍ଥାନରେ ସଡ଼କ ଯୋଗାଯୋଗ ବ୍ୟାହତ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଖେଳାଯିବ ଦୁଇଟି ମ୍ୟାଚ୍ ।

---

## ପିଏମ୍-ସିଏସ୍ ଡେ'

ନୂଆଦିଲ୍ଲୀଠାରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶାସନିକ ଅଧିକାରୀମାନଙ୍କ ସମ୍ମିଳନୀକୁ ସମ୍ବୋଧନ କରିବେ। ୧୭ତମ

ପ୍ରଶାସନିକ ସେବା ଦିବସ ପାଳନ ଅବସରରେ ଏହି ସମ୍ମିଳନୀର ଆୟୋଜନ କରାଯାଇଛି ।ସାଧାରଣ ପ୍ରଶାସନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ପ୍ରଶାସନିକ ଅଧିକାରୀଙ୍କୁ ଏହି ଅବସରରେ ପ୍ରଧାନମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯିବ । ଜିଲ୍ଲାର ସାମଗ୍ରୀକ ବିକାଶ, ବ୍ଲକସ୍ତରୀୟ ଆକାଂକ୍ଷୀ କାର୍ଯ୍ୟକ୍ରମ, ଉଦ୍ଭାବନ ଆଦି କ୍ଷେତ୍ରରେ ୧୬ଟି ପୁରସ୍କାର ପ୍ରଦାନ କରାଯିବ ।

## ବିଜେପି-ଆୱ୍ୱାରନେସ୍

ୱାକଫ୍ ସଂଶୋଧନ ଆଇନ ସଂପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜିଠାରୁ ଦେଶବ୍ୟାପୀ ‘ୱାକ୍‌ଫ ସୁଧାର ଜନଜାଗରଣ ଅଭିଯାନ’ ଆରମ୍ଭ କରାଯାଇଛି । ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବ । ଏହି ଅଭିଯାନ ଅଧୀନରେ ଦଳୀୟ ନେତା ଏବଂ କର୍ମୀ ମୁସଲିମ ସମ୍ପ୍ରଦାୟଙ୍କ ସହ ସାକ୍ଷାତ୍ ଆଲୋଚନା କରି ୱାକ୍‌ଫ ସଂଶୋଧିତ ଆଇନ୍ ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବେ ।

ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟଠାରେ ଦଳୀୟ କର୍ମୀଙ୍କୁ ନେଇ ଏକ କର୍ମଶାଳା ଗତ ୧୦ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗଦେଇ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ସଂଶୋଧିତ ଆଇନର ବ୍ୟବସ୍ଥାକୁ ନେଇ ବିରୋଧୀ ଦଳଗୁଡ଼ିକ ମୁସଲମାନ ସଂପ୍ରଦାୟଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ

ନେତୃତ୍ୱାଧୀନ ସରକାର ଓ୍ୱାକଫ୍ ସଂପତ୍ତିର ସ୍ୱଚ୍ଛ ଏବଂ ଦକ୍ଷ ପରିଚାଳନା ସହିତ ଏହାର ସୁଫଳ ପଛୁଆବର୍ଗର ମୁସଲମାନ ଏବଂ ମହିଳାଙ୍କୁ ମିଳିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

## ପଶ୍ଚିମବଙ୍ଗ-ମମତା

ରାଜନୈତିକ ହିଂସା, ଗୁଜବ ଏବଂ ଅସାମାଜିକ କାର୍ଯ୍ୟକଳାପରୁ ଦୂରେଇ ରହିବାକୁ ରାଜ୍ୟବାସୀଙ୍କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅନୁରୋଧ କରିଛନ୍ତି । ଶାନ୍ତି ଏବଂ ଅଖଣ୍ଡତା ବଜାୟ ରଖିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ପତ୍ର ଜାରି କରି ସେ ପଶ୍ଚିମବଙ୍ଗରେ ବିଶୃଙ୍ଖଳା ସୃଷ୍ଟି ପାଇଁ ବିଜେପି ଏବଂ ଏହାର ସହଯୋଗୀ ଦଳଗୁଡ଼ିକ ଦାୟୀ ବୋଲି ଅଭିଯୋଗ କରିଛନ୍ତି । ରାଜ୍ୟରେ ହିଂସାତ୍ମକ ଘଟଣାରେ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି ।

ଅନ୍ୟପକ୍ଷରେ ମୁର୍ଶିଦାବାଦ ହିଂସା ଘଟଣା ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦବୋଷ କହିଛନ୍ତି । ମୁର୍ଶିଦାବାଦ ଜିଲ୍ଲାର ପ୍ରଭାବିତ ଅଞ୍ଚଳ ଗତକାଲି ପରିଦର୍ଶନ କରି କୋଲକାତାକୁ ପ୍ରତ୍ୟାବର୍ତ୍ତନ ସମୟରେ ରାଜ୍ୟପାଳ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ପ୍ରଭାବିତ ଅଞ୍ଚଳର ସ୍ଥିତି ନେଇ ଏକ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବେ । ସେଠାରେ କେନ୍ଦ୍ରୀୟ

ସଶସ୍ତ୍ର ପୋଲିସ୍ ବଳ ମୁତୟନ ହେବା ପରେ ପରିସ୍ଥିତିରେ ଅନେକ ସୁଧାର ଆସିଚଛି ବୋଲି ରାଜ୍ୟପାଳ କହିଛନ୍ତି ।

## ପ୍ରେଜ୍- ଇଷ୍ଟର

ଯୀଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଦିବସକୁ ସ୍ମରଣ କରି ସମଗ୍ର ବିଶ୍ୱରେ ଆଜି ଇଷ୍ଟର ପର୍ବ ପାଳନ କରାଯାଉଛି । ଶୁଭ ଶୁକ୍ରବାର ଦିନ କାଲ୍ଭାରୀ ଠାରେ ଯୀଶୁଖ୍ରୀଷ୍ଟଙ୍କୁ କୃଶବିଧ କରାଯିବା ପରେ ରବିବାର ଦିନ ତାଙ୍କର ପୁନରୁତ୍ଥାନ ଦିବସ ପାଳନ କରାଯାଇଥାଏ । ଏହି ଅବସରରେ ବିଭିନ୍ନ ସ୍ଥାନରେ ଚର୍ଚ୍ଚଗୁଡ଼ିକରେ ସ୍ୱତନ୍ତ୍ର ସମାବେଶ ହେଉଛି ।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ତାଙ୍କ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି, ଯୀଶୁଖ୍ରୀଷ୍ଟଙ୍କ ପୁନରୁଥାନକୁ ସ୍ମରଣ କରି ଆଜି ପାଳନ କରାଯାଉଥିବା ଏହି ପର୍ବ ନିସ୍ୱାର୍ଥପର ପ୍ରେମ ଓ ସେବାର ବାର୍ତ୍ତା ପ୍ରଦାନ କରିଥାଏ ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଯୀଶୁଖ୍ରୀଷ୍ଟଙ୍କ ଦୟା, କ୍ଷମା ଏବଂ ସେବାର କାଳଜୟୀ ଶିକ୍ଷା ନାଗରିକଙ୍କୁ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଜ ଗଠନ ଦିଗରେ ମାର୍ଗଦର୍ଶନ କରିଥାଏ ବୋଲି କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇଷ୍ଟର ଲୋକଙ୍କ ମଧ୍ୟରେ ଆଶା, ନୂତନତ୍ୱ ଏବଂ କରୁଣା ପାଇଁ ପ୍ରେରଣା ଯୋଗାଇଥାଏ । ସମସ୍ତଙ୍କ ପାଇଁ ଆନନ୍ଦ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଉପଲବ୍ଧ ହେଉ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି ।

## ନଡ୍ଡା-ଜୁଡିସିଆଲ ରିମାର୍କ

ସୁପ୍ରିମକୋର୍ଟ ଓ ପ୍ରଧାନ ବିଚାରପତିଙ୍କ ସମ୍ପର୍କରେ ବିଜେପିର ସାଂସଦ ନିଶିକାନ୍ତ ଦୁବେ ଏବଂ ଦୀନେଶ ଶର୍ମା ଦେଇଥିବା ବିବାଦୀୟ ମନ୍ତବ୍ୟ ଠାରୁ ଦଳ ନିଜକୁ ଦୂରେଇ ରଖିଛି । ଏଭଳି ମନ୍ତବ୍ୟରୁ ନିବୃତ୍ତ ରହିବାକୁ ଦଳପକ୍ଷରୁ ଦୁଇ ସାଂସଦଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ଏହି ଦୁଇ ସାଂସଦଙ୍କ ବୟାନ ସହିତ ଦଳର କୌଣସି ସମ୍ପର୍କ ନାହିଁ । ଏହା ତାଙ୍କର ବ୍ୟକ୍ତିଗତ ମତ ଏବଂ ବିଜେପି ଏଭଳି ବୟାନକୁ ସମର୍ଥନ କରୁନାହିଁ । ଶ୍ରୀ ନଡ୍ଡା କହିଛନ୍ତି ନ୍ୟାୟପାଳିକାଙ୍କୁ ବିଜେପି ସର୍ବଦା ସମ୍ମାନ ଦେଇଆସିଛି । ଅଦାଲତ କାର୍ଯ୍ୟ ଗଣତନ୍ତ୍ରର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ସମ୍ବିଧାନର ସୁରକ୍ଷାରେ ଶକ୍ତିଶାଳୀ ସ୍ତମ୍ଭ ବୋଲି ଶ୍ରୀ ନଡ୍ଡା ବର୍ଣ୍ଣନା କରିଛନ୍ତି ।

## ଭାନ୍ସ-ଇଣ୍ଡିଆ ଭିଜିଟ୍

ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଚାରିଦିନିଆ ଗସ୍ତରେ ଭାରତ ଆସି ଆସନ୍ତାକାଲି ସକାଳେ ନୂଆଦିଲ୍ଲୀରେ ପହଞ୍ଚିବେ । ଶ୍ରୀ ଭାନ୍ସଙ୍କ ସହ ତାଙ୍କ ପରିବାର ଏବଂ ଆମେରିକା ପ୍ରଶାସନର ଏକ ଉଚ୍ଚପ୍ରତିନିଧି ମଣ୍ଡଳୀ ଭାରତ ଗସ୍ତରେ ଆସୁଛନ୍ତି । ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କଲାପରେ ଶ୍ରୀ ଭାନ୍ସଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ । ଶ୍ରୀ ଭାନ୍ସ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ

ସାକ୍ଷାତ୍ ଆଲୋଚନା କରିବେ । ଏହି ଗସ୍ତ ଅବସରରେ ଉପରାଷ୍ଟ୍ରପତି ଶ୍ରୀ ଭାନ୍ସ ଏବଂ ତାଙ୍କ ସହ ଆସିଥିବା ପ୍ରତିନିଧିମଣ୍ଡଳୀ ନୂଆଦିଲ୍ଲୀରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ଜୟପୁର ଏବଂ ଆଗ୍ରା ଗସ୍ତରେ ଯିବାର କାର୍ଯ୍ୟସୂଚୀ ରହିଛି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଶ୍ରୀ ଭାନ୍ସଙ୍କ ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କର ଅଗ୍ରଗତି ଏବଂ ବିଭିନ୍ନ ଦ୍ୱିପାକ୍ଷିକ କାର୍ଯ୍ୟକ୍ରମର କାର୍ଯ୍ୟକାରୀତା ନେଇ ସମୀକ୍ଷା କରିବାକୁ ସୁଯୋଗ ପ୍ରଦାନ କରିବ । ଗତ ଫେବୃୟାରୀ ୧୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ଅବସରରେ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ଉଭୟ ଦେଶ ମଧ୍ୟରେ ଆଲୋଚନା ହୋଇଥିଲା ।

## ଜେକେ-ଲ୍ୟାଣ୍ଡସଲାଇଡ୍

ଜାମ୍ମୁ କାଶ୍ମୀରର ରାମବନ ଜିଲ୍ଲା ଅନ୍ତର୍ଗତ ସେରିବାଗ୍ନା ଅଞ୍ଚଳରେ ପ୍ରବଳ ବର୍ଷାଜନିତ ସୃଷ୍ଟ ପରିସ୍ଥିତିରେ ୩ଜଣଙ୍କର ମୃତ୍ୟୁ ହୋଇଛି । ସେଥିମଧ୍ୟରେ ୨ଜଣ ଶିଶୁ ଏବଂ ଜଣେ ବୃଦ୍ଧ ଅନ୍ତର୍ଭୁକ୍ତ । ଧରମକୁଣ୍ଡ ଗ୍ରାମରେ ବର୍ଷାର ପ୍ରଭାବ ଯୋଗୁଁ ୪୦ଟି ବାସଗୃହ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ଏପର୍ଯ୍ୟନ୍ତ ୧୦୦ରୁ ଅଧିକ ଲୋକଙ୍କୁ ପ୍ରଭାବିତ ଅଞ୍ଚଳରୁ ସ୍ଥାନାନ୍ତରିତ କରାଯାଇଛି । ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆଜି ସକାଳେ ସେରିବାଗ୍ନା ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା । ରାମବନ ସହର ଏବଂ ଆଖପାଖ ଅଞ୍ଚଳରେ ଗତ ରାତିରେ

ପ୍ରବଳ କୁଆପଥର ଝଡ଼ ସହ ଏକାଧିକ ସ୍ଥାନରେ ଭୂସ୍ଖଳନ ହୋଇଥିଲା । ଶ୍ରୀନଗର ଆକାଶବାଣୀ ସମ୍ବାଦ ବିଭାଗକୁ ସୂଚନା ଦେଇ ରାମବନ ଏସ୍.ଏସ୍.ପି କୁଲବୀର ସିଂହ କହିଛନ୍ତି ଲଗାଣ ବର୍ଷା, ଭୂସ୍ଖଳନ ଏବଂ ଆକସ୍ମିକ ବନ୍ୟା ପରିସ୍ଥିତି ଫଳରେ ରାମବନ ଅଞ୍ଚଳରେ ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥର କେତେକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି । ଭୂ-ସ୍ଖଳନ ଯୋଗୁଁ କେତେକ ସ୍ଥାନରେ ସଡ଼କ ଯୋଗାଯୋଗ ବ୍ୟାହତ ହୋଇଛି । ଏହି ରାଜପଥର ଏକାଧିକ ସ୍ଥାନ ଯାତାୟତ ପାଇଁ ଅସୁରକ୍ଷିତ ଥିବା ସେ ସୂଚନା ଦେଇଛନ୍ତି । ପାଣିପାଗରେ ସୁଧାର ନଆସିବା ପର୍ଯ୍ୟନ୍ତ ଜାମ୍ମୁ ଶ୍ରୀନଗର ଜାତୀୟ ରାଜପଥରେ ଯାତ୍ରା ନକରିବାକୁ ପରାମର୍ଶ ଦିଆଯାଇଛି ।

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏବଂ ଜାମ୍ମୁକାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପଦକ୍ଷେପ ନିଆଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ସିଂହ କହିଛନ୍ତି ଜିଲ୍ଲା ପ୍ରଶାସନ ସହ ପରିସ୍ଥିତି ନେଇ ସେ ନିରନ୍ତର ଯୋଗାଯୋଗରେ ଅଛନ୍ତି । ତେବେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ଏବଂ ଭୟଭୀତ ନହେବାକୁ ସେ ପରାମର୍ଶ ଦେଇଛନ୍ତି ।

## ଆର୍‌ବିଆଇ-ଗଭର୍ଣ୍ଣର

ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଗତ ୪ ବର୍ଷ ମଧ୍ୟରେ ଦେଶର ବୈଦେଶିକ ମୁଦ୍ରା ବଜାର ଦ୍ୱିଗୁଣିତ ହୋଇଛି ।

ବାଲିଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଦେଶର ଆର୍ଥିକ ବଜାର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଛି । ୨୦୨୦ରେ ବୈଦେଶିକ ମୁଦ୍ରା ବଜାର ୩୨ ବିଲିୟନ ଡଲାର ଥିବାବେଳେ ୨୦୨୪ରେ ଏହା ୬୦ ବିଲିୟନ ଡଲାରରେ ପହଞ୍ଚିଛି । ଏହି ସମୟ ମଧ୍ୟରେ ମୁଦ୍ରା ବଜାରରେ ହାରାହାରି ଦୈନିକ ପରିମାଣ ୩ଲକ୍ଷ କୋଟିରୁ ବୃଦ୍ଧି ପାଇ ୫ଲକ୍ଷ ୪୦ହଜାର କୋଟି ଟଙ୍କାରେ ପହଞ୍ଚିଛି । ସେହିଭଳି ସରକାରୀ ସିକ୍ୟୁରିଟି ବଜାରରେ ମଧ୍ୟ ହାରାହାରି ଦୈନିକ ପରିମାଣ ୪୦ ପ୍ରତିଶତ ବୃଦ୍ଧିପାଇ ୬୬ହଜାର କୋଟି ଟଙ୍କାରେ ପହଞ୍ଚିଛି । ସେ କହିଛନ୍ତି ଭାରତୀୟ ବଜାରରେ ସ୍ୱଚ୍ଛତାର ସ୍ତର ବିଶ୍ୱର ଶ୍ରେଷ୍ଠ ମାନକ ସ୍ତର ସହିତ ସମାନ ରହିଛି ।  ନିୟାମକ ସଂସ୍କାର ଏବଂ ଉତ୍ପାଦ ବୃଦ୍ଧି ଓ ଅଂଶିଦାରଙ୍କ ପାଇଁ ଅନୁକୂଳ ବ୍ୟବସ୍ଥା ଏ କ୍ଷେତ୍ରରେ ବେଶ୍ ସହାୟକ ହୋଇଛି ବୋଲି ଶ୍ରୀ ମାଲହୋତ୍ରା କହିଛନ୍ତି ।

## ଜେକେ-ଅମରନାଥ ରେଜିଷ୍ଟ୍ରେସନ

ଚଳିତବର୍ଷର ଶ୍ରୀ ଅମରନାଥଜୀ ଯାତ୍ରା ସହିତ ଜଡିତ ହେବାକୁ ଥିବା ସେବା ପ୍ରଦାନକାରୀଙ୍କ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଜାମ୍ମୁକାଶ୍ମୀର ଶ୍ରମବିଭାଗ ପକ୍ଷରୁ ଏଥିପାଇଁ ସମସ୍ତପ୍ରକାର ବ୍ୟବସ୍ଥା କରାଯାଇଛି । ପଞ୍ଜିକରଣ ପ୍ରକ୍ରିୟାକୁ ସରଳ କରିବା ଲକ୍ଷ୍ୟ ନେଇ ଜାମ୍ମୁର

ଡୋଗ୍ରା ହଲ୍‌ସ୍ଥିତ ସହକାରୀ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟରେ ଏକ ସହାୟକ ଡେକ୍ସ ସ୍ଥାପନ କରାଯାଇଛି । ଜାମ୍ମୁର ସହକାରୀ ଶ୍ରମ କମିଶନର ରୂପାଲି ଯଶ୍ରୋଟିଆ ଆଗାମୀ ଯାତ୍ରାରେ ଭାଗନେବାକୁ ଇଚ୍ଛୁକ ଥିବା ପୋନିୱାଲା, ପାଲ୍‌କିୱାଲା, ପିଥୁ ଏବଂ ହକରମାନଙ୍କୁ ଯଥାଶୀଘ୍ର ପଞ୍ଜିକରଣ କରିବାକୁ ଅନୁରୋଧ କରିଛନ୍ତି । ପରିଚୟ ଯାଞ୍ଚ ସହ ନିଃଶୁଳ୍କ ପଞ୍ଜିକରଣର ବ୍ୟବସ୍ଥା କରାଯାଇଛି ବୋଲି ଜାମ୍ମୁକାଶ୍ମୀର ଶ୍ରମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ଚଣ୍ଡୀଗଡ଼ଠାରେ ଅପରାହ୍ନ ସାଢ଼େ ୩ଟାରେ ପଞ୍ଜାବ କିଙ୍ଗ୍‌ସ ଏବଂ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ପରସ୍ପରକୁ ଭେଟିବେ । ପଏଣ୍ଟ ତାଲିକାରେ ପଞ୍ଜାବ ୧୦ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିବାବେଳେ ବେଙ୍ଗାଲୁରୁ ୮ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ସ୍ଥାନିତ ହୋଇଛି ।

ସେହିପରି ଅନ୍ୟ ମ୍ୟାଚ୍‌ଟି ମୁମ୍ବାଇଠାରେ ସନ୍ଧ୍ୟା ସାଢ଼େ୭ଟାରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଚେନ୍ନାଇ ସୁପର୍ କିଙ୍ଗ୍‌ସ ମଧ୍ୟରେ ଖେଳାଯିବ । ଚେନ୍ନାଇ ଖେଳିଥିବା ୭ଟି ମ୍ୟାଚ୍ ମଧ୍ୟରୁ ୨ଟିରେ ବିଜୟ ହାସଲ କରିଥିଲେ ମଧ୍ୟ ତାଲିକାରେ ନିମ୍ନତମ ସ୍ଥାନରେ ରହିଛି । ଅନ୍ୟପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟ ପଏଣ୍ଟ ତାଲିକାରେ ଦୃଢ଼ ସ୍ଥିତିରେ ନଥିବା ଜଣାପଡିଛି ।